ପ୍ରମେୟ
THE PRAMEYA

Date: 25.09.2018

# ଏନ୍‌ଆଇଏନ୍‌ଏଲ୍‌କୁ ୯ ପୁରସ୍କାର

ଭୁବନେଶ୍ୱର,୨୪।୯(ବ୍ୟୁରୋ): କ୍ୱାଲିଟି ସର୍କଲ ଫେଡେରେସନ୍ ଅଫ୍ ଇଣ୍ଡିଆ (କ୍ୟୁଏସ୍‌ଏଫ୍‌ଆଇ) ପକ୍ଷରୁ ଚଳିତ ବର୍ଷ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କଳିଙ୍ଗନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ୍)ର କର୍ମଚାରୀଙ୍କୁ ନେଇ ଗଠିତ ଟିମ୍‌ଗୁଡ଼ିକ ୯ଟି ପୁରସ୍କାର ଜିତିଛନ୍ତି। କ୍ୟୁଏସ୍‌ଏଫ୍‌ଆଇର ଆଞ୍ଚଳିକ ଅଧ୍ୟାୟରେ ଭାଗ ନେଇ ୮ଟି ଟିମ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିବା ବେଳେ ଗୋଟିଏ ଟିମ୍ ରୌପ୍ୟ ପଦକ ଜିତିଛି। ନିକଟରେ କମ୍ପାନିର କୋକ୍ ଓଭେନ୍ ଟିମ୍ ‘ଗାଲାକ୍ସି’ ଓ ‘ଏମ୍ବର’ ତଥା ବ୍ଲାଷ୍ଟ ଫର୍ଣ୍ଣେସ୍ ଟିମ୍ ‘ସନ୍‌ରାଇଜ୍’ ରାଉରକେଲାଠାରେ ଆୟୋଜିତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତିଛନ୍ତି। ଏହାପୂର୍ବରୁ ଚଳିତ ମାସ ୨୦ ତାରିଖରେ ଏନ୍‌ଆଇଏନ୍‌ଏଲ୍‌ର ଅଭ୍ୟୁଦୟ ଓ ଫେନିକ୍ସ ଟିମ୍ ଦ୍ୱୟ ବିଶାଖାପାଟଣାରେ ଆୟୋଜିତ ସମ୍ମିଳନୀରେ ସ୍ୱର୍ଣ୍ଣ ଜିତିଥିବା ବେଳେ ଭିଲାଇରେ ଆୟୋଜିତ ସମ୍ମିଳନୀରେ ୩ଟି ଟିମ୍ ସ୍ୱର୍ଣ୍ଣ ଓ ଗୋଟିଏ ଟିମ୍ ରୌପ୍ୟ ପୁରସ୍କାର ଜିତିଥିଲା।

